ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News-ID/IPR/P & C/DoWR-Od- 309/05.05.2025

## ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କେନ୍ଦୁଝରର  ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା

### ଜଳସେଚନ ବୃଦ୍ଧି  ଓ  ପ୍ରକଳ୍ପକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ





କେନ୍ଦୁଝର /ଭୁବନେଶ୍ୱର ତା- ୦୫ -୦୫ -୨୦୨୫

ଉନ୍ନୟନ କମିଶନର ତଥା ଜଳସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ  ଶ୍ରୀମତୀ ଅନୁ ଗର୍ଗ ତାଙ୍କର ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମର  ଦ୍ୱିତୀୟ ଦିନରେ ଆଜି ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ଚାଲିଥିବା ଦୁଇଟି ମୁଖ୍ୟ କେନାଲ ବ୍ୟବସ୍ଥା କାର୍ଯ୍ୟର ସମୀକ୍ଷା କରିଛନ୍ତି । ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ, ପ୍ରକଳ୍ପର ମୁଖ୍ୟ ନିର୍ମାଣ  ଯନ୍ତ୍ରୀ,  କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ  ଓ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ କ୍ଷେତ୍ର ସ୍ତରରେ କାର୍ଯ୍ୟ ଅଗ୍ରଗତିର ବାସ୍ତବ  ସ୍ଥିତି ଅନୁଧ୍ୟାନ ଓ ସମୀକ୍ଷା କରିବା ସହ ପ୍ରକଳ୍ପ ଶେଷ ହେବା ସମୟ ସୂଚୀ ଆକଳନ କରିଥିଲେ ।

ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ କେନ୍ଦୁଝର ଜିଲ୍ଲାର ହାଟଡିହି, ଆନନ୍ଦପୁର ଓ ଘସିପୁରା ବ୍ଲକ ଏବଂ ବାଲେଶ୍ୱର ଜିଲ୍ଲାର ଓଉପଡ଼ା, ନୀଳଗିରି, ବାହାନଗା, ବାଲେଶ୍ୱର ସଦର, ରେମୁଣା ଓ ସୋରୋର ୬୦ ହଜାର ହେକ୍ଟର ଚାଷ ଜମିକୁ ଜଳସେଚନ କରିବା ଉଦ୍ଦେଶ୍ୟରେ ଆନ୍ତଃ-ବେସିନ୍ ଜଳ ପ୍ରବାହ ନିମନ୍ତେ ଏକ ପ୍ରମୁଖ ଜଳସେଚନ ପଦକ୍ଷେପ । ଏହି ପ୍ରକଳ୍ପରେ ସମସ୍ତ ୧୭ଟି ମୁଖ୍ୟ କେନାଲର ବିଭିନ୍ନ  ପ୍ୟାକେଜ୍ ରେ କାମ ଚାଲିଥିବା ବେଳେ ୫୬.୯୨୩ କିଲୋମିଟର ଦୀର୍ଘ ସାଳନ୍ଦୀ ବାମ ମୁଖ୍ୟ କେନାଲ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଛି । ବୈତରଣୀ ଦକ୍ଷିଣ ତଟ କେନାଲର ୩ଟି ପ୍ୟାକେଜରେ କାମ ଏବେ ଚାଲିଛି । ସାଳନ୍ଦୀ ବାମ ମୁଖ୍ୟ କେନାଲ ଜରିଆରେ ୧୨୮୦୩ ହେକ୍ଟର ଚାଷ ଜମିକୁ  ଜଳସେଚନ ଯୋଗାଇ ଦିଆଯାଉଛି । ୩୪୫୦ ହେକ୍ଟର ଜମିକୁ

ଅଣ୍ଡର ଗ୍ରାଉଣ୍ଡ ପାଇପଲାଇନ୍ (ୟୁଜିପିଏଲ) ଜରିଆରେ ଜଳସେଚନ ଯୋଗାଇଦେବାକୁ ବିଏଲବିସି ଓ ବିଆରବିସି ଅଧୀନରେ ଖୁବ୍ ଶୀଘ୍ର ଚୁକ୍ତି ହେବାକୁ ଯାଉଛି ।

ସମୀକ୍ଷା ସମୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଓଡ଼ିଶା ଭିଜନ ୨୦୩୬ ଲକ୍ଷ୍ୟ ରଖି ଆଗାମୀ ୨୦୨୭ ଜୁନ୍ ସୁଦ୍ଧା ଚାଷୀଙ୍କ ପାଖରେ ଉଦ୍ଦିଷ୍ଟ ସୁବିଧା ପହଞ୍ଚାଇବା ପାଇଁ ଅବଶିଷ୍ଟ ମୁଖ୍ୟ କେନାଲ ଏବଂ ଭୂତଳ ପାଇପ୍ ଲାଇନ୍ (ୟୁଜିପିଏଲ) ବିତରଣ ବ୍ୟବସ୍ଥା କାର୍ଯ୍ୟ ପ୍ୟାକେଜ୍ ଠିକ୍ ସମୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆଗକୁ ଯେପରି ପ୍ରକଳ୍ପ କାର୍ଯ୍ୟରେ ବିଳମ୍ବ ନ ହୁଏ, ସେଥିପାଇଁ ଜମି ଅଧିଗ୍ରହଣ ସମସ୍ୟାର ସମାଧାନ ତ୍ୱରାନ୍ୱିତ କରିବା ଓ ପ୍ରକଳ୍ପ ପାଇଁ ଲଘୁ ଖଣିଜ ପଦାର୍ଥ ଯୋଗାଣ ବ୍ୟବସ୍ଥା କରିବାକୁ ସେ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଉଚ୍ଚସ୍ତରୀୟ ଗସ୍ତ ଓଡ଼ିଶାର କୃଷି ସଂପ୍ରଦାୟ ପାଇଁ ଜଳସେଚନ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଜଳ ନିରାପତ୍ତା ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି ।

ପଠାଣି ରାଉତ,
ସୂଚନା ଅଧିକାରୀ